for more materials visit www.educationobserver.com/forum

**Series SKS**

**Code No. 13**

Candidates must write the Code on the title page of the answer-book.

Roll No. [ ] [ ] [ ] [ ] [ ] [ ] [ ]

- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **12** questions.
- **Please write down the Serial Number of the question before attempting it.**
- 15 minutes time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 100*

*Time allowed : 3 hours* | *Maximum Marks : 100*

for more materials visit www.educationobserver.com/forum

1. *ଗୋଟିଏ* ପ୍ରଶ୍ନର ଉତ୍ତର ଦିଅ । 8

(କ) ଜାତିର ଜୀବକ ଓ ସଂସ୍କୃତି ସମ୍ବନ୍ଧରେ ଲେଖକ କଣ କହିଚ୍ଛନ୍ତି ?

(ଖ) ସ୍ୱାଧୀନ ଚିନ୍ତା କଣ ? ସ୍ୱାଧୀନ ଚିନ୍ତା ଅଭାବରେ ସମାଜର କଣ କ୍ଷତି ହୁଏ ?

2. ସଂକ୍ଷେପରେ *ଦୁଇଟି* ପ୍ରଶ୍ନର ଉତ୍ତର ଦିଅ : $2\frac{1}{2}\times2=5$

(କ) ଲେଖକ ମନୁଷ୍ୟକୁ ଏକ ଅଦ୍ଭୁତ ବସ୍ତୁ ବୋଲି କାହିଁକି କହିଚ୍ଛନ୍ତି ?

(ଖ) ମନୁଷ୍ୟର ଦେବତ୍ୱ କିପରି ବିକଶିତ ହୁଏ ?

(ଗ) ପଣ୍ଡିତ ଗୋପବନ୍ଧୁଙ୍କ ସଂପାଦନାରେ ପ୍ରକାଶିତ ସଂବାଦପତ୍ର ଓ ସାହିତ୍ୟ ପତ୍ରିକାର ନାମୋଲ୍ଲେଖ କର ।

(ଘ) ଗଧ ଓ କୁକୁରଙ୍କ ଗୁଣ ଓ ପ୍ରକୃତିରେ କି ଭିନ୍ନତା ରହିଛି ?

3. *ଗୋଟିକର* ସପ୍ରସଂଗ ସରଳାର୍ଥ ଲେଖ । 7

(କ) ଯେଉଁ ଟିକକ ମହୁ ଚଟେଇ ଦେଇ ଛିଙ୍କି ଗିଳିବାକୁ କୁହାଯାଏ ଏବଂ ଯାହାର ଖାତିରରେ ଦିଅଁକ ରାଣ ପକେଇ ଛିଙ୍କିଗିଳା ଗ୍ଳିଚ୍ଛି, ସେଇ ଧୂମ ବସ୍ତୁଟିକୁ ସଂପୂର୍ଣ ଆୟତ୍ତ କରିବାକୁ ଧାଁଧପଡ଼ ଗ୍ଳିଚି କେଉଁ ଆଦିମ କାଳରୁ ।

(ଖ) ମନୁଷ୍ୟର ଏକ ଦୋଷ ଏହି ଯେ, ସେ ଆତ୍ମଦୋଷ ଓ ଆତ୍ମ ଦୁର୍ବଳତା ବୁଝିପାରେ ନାହିଁ । କିନ୍ତୁ ପର ଦୋଷ ଓ ପର ଦୁର୍ବଳତା ଦେଖି ପାରିବାରେ ସେ ଅତ୍ୟନ୍ତ ତତ୍ପର ।

for more materials visit www.educationobserver.com/forum

4. *ଗୋଟିଏ* ପ୍ରଶ୍ନର ଉତ୍ତର ଦିଅ । 8

(କ) 'ମୋ ଜୀବନ ପଚ୍ଛେ ନର୍କେ ପଡ଼ିଥାଉ' କବିତା ଅନୁସରଣରେ କବିଙ୍କ ଧର୍ମ ଓ ଦର୍ଶନର ପରିଚୟ ଦିଅ ।

(ଖ) 'ବର୍ଷା' କବିତାରେ ପ୍ରକୃତି ସହିତ ମଣିଷର ସାମଞ୍ଜସ୍ୟ କିପରି କଳ୍ପନା କରାଯାଇଛି – ଆଲୋଚନା କର ।

5. ସଂକ୍ଷେପରେ *ଦୁଇଟି* ପ୍ରଶ୍ନର ଉତ୍ତର ଦିଅ । $2\frac{1}{2}\times2=5$

(କ) କାହିଁକି ଗୃଷୀମାନେ ଆସାମ ଓ ରେଙ୍ଗୁନକୁ ଯାଇଥିଲେ ?

(ଖ) ଅବଧୂତ କପୋତଠାରୁ କି ଶିକ୍ଷା ପାଇଲେ ?

(ଗ) 'ଗ୍ରାମପଦ'ର କେଉଁ କରୁଣ ଦୃଶ୍ୟ ହୃଦୟକୁ ଆଲୋଡ଼ିତ କରେ ?

(ଘ) ଦେଶୀ ସାହିତ୍ୟର ବଣିଜ ସଂପର୍କରେ କବିଙ୍କ ଅନୁଭୂତି କିପରି ଥିଲା ?

6. *ଗୋଟିକର* ସପ୍ରସଂଗ ସରଳାର୍ଥ ଲେଖ । 7

(କ) ଦଦୁରି ରବ ଶୁଣି ନୀରବ ପିକ
ମୂଢ ସଭାରେ ମୂକ ଯଥା ଧାର୍ମିକ ।

(ଖ) ଏ ରୂପେ ସ୍ନେହ ଅବଲମ୍ବି
ସଂସାରେ ବନ୍ଦୀ ଯେ କୁଟୁମ୍ବୀ ।
ଦୁଃଖ ସହଇ ଏ ଶରୀରେ
ନିତ୍ୟ କୁଟୁମ୍ବ ପୋଷିବାରେ ।

for more materials visit www.educationobserver.com/forum

7. ସଂକ୍ଷେପରେ ***ଦୁଇଟି*** ପ୍ରଶ୍ନର ଉତ୍ତର ଦିଅ । *5+5=10*

(କ) କସ୍ତୁରୀକୁ ଘରେ ରଖିବା ପାଇଁ କାହିଁକି ପଦନ ମନା କରୁଥିଲା ?

(ଖ) ପାଇକମାନେ ଚରଣ ପଟନାୟକ ଉପରେ କାହିଁକି ପ୍ରତିଶୋଧ ନେଲେ ?

(ଗ) ଫତେ ମହମ୍ମଦ ଇଂରେଜମାନଂକୁ କି ପ୍ରକାର ସାହାଯ୍ୟ କରିଥିଲା ?

(ଘ) ବୃଦ୍ଧା ଚରିତ୍ରର ବିଶେଷତ୍ୱ କଣ ?

8. ***ଗୋଟିଏ*** ବିଷୟରେ ପ୍ରବନ୍ଧ ଲେଖ : (ଶବ୍ଦ ସଂଖ୍ୟା : ୨୫୦ ରୁ ୩୦୦) *10*

(କ) ପରିବେଶ ସୁରକ୍ଷା

(ଖ) ଓଡ଼ିଶାରେ ଶିକ୍ଷାକ୍ଷେତ୍ରର ଦୁରବସ୍ଥା

(ଗ) କୃଷକର ଦୁଃସ୍ଥିତି

9. କୃଷିକ୍ଷେତ୍ରରେ ଜଳସେଚନର ଅବ୍ୟବସ୍ଥା ସଂପର୍କରେ ଏକ ସଂବାଦପତ୍ରର ସଂବାଦକଂକୁ ପତ୍ର ଲେଖ । *8*

କିମ୍ବା

ଦୀର୍ଘଦିନରୁ ଭାଂଗିପଡ଼ିଥିବା ପୋଲର ପୁନର୍ନିର୍ମାଣ ସଂପର୍କରେ ଦାବୀ କରି ଏକ 'ସଂପାଦକଂକୁ ପତ୍ର' ଲେଖ ।

for more materials visit www.educationobserver.com/forum

**10.** *ଗୋଟିଏ* ବିଷୟରେ ତଥ୍ୟମୂଳକ ବିବରଣୀ ଦିଅ । 7

(କ) ବିଜୁଳିକାଟ

(ଖ) ସହରର ନର୍ଦ୍ଦମା

**11.** (କ) ନିର୍ଦ୍ଦେଶ ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର : (୩ଟି) 3

(i) ମୁଁ ତାକୁ ବହୁତ ବୁଝାଇଲି, କିନ୍ତୁ ସେ ଗାଁକୁ ଗଲା ନାହିଁ । (ସରଳ ବାକ୍ୟରେ)

(ii) ତୁମେ ପହଂଚିଲା ବେଳକୁ ମୁଁ ଶୃଲି ଯାଇଥିଲି । (ଜଟିଳ ବାକ୍ୟରେ)

(iii) ଯେଉଁ ବ୍ୟକ୍ତି ପରର ଉପକାର କରେ, ସେ ସମସ୍ତଂକର ପ୍ରିୟଭାଜନ ହୁଏ । (ସରଳ ବାକ୍ୟରେ)

(iv) ସେ ପାଠନ ପଢ଼ିବାରୁ ଫେଲ୍ ହେଲା । (ଯୌଗିକ ବାକ୍ୟରେ)

(ଖ) ବିଶେଷ ଅର୍ଥରେ ବାକ୍ୟରେ ପ୍ରୟୋଗ କର : (୩ଟି) 3

(i) ନାଟର ଗୋବର୍ଦ୍ଧନ

(ii) ଚରଣ ଚୁଟିଆ

(iii) ପାନେ ଦେବା

(iv) ତେଲ ମାରିବା

(ଗ) ଭ୍ରମ ସଂଶୋଧନ କର : (୩ଟି) 3

(i) ବିଷର୍ଣ୍ଣ

(ii) ନିଷ୍କେସିତ

(iii) ତ୍ରୃଟି

(iv) ପୀୟୁଷ

for more materials visit www.educationobserver.com/forum

(ଘ) ଉଦାହରଣ ସହ ମାତ୍ରାବୃତ୍ତ କିମ୍ବା ବିଷମ ଚ୍ଛନ୍ଦ କ'ଣ ଆଲୋଚନା କର । 3

(ଙ) ଉଦାହରଣ ସହ ଅନ୍ତ୍ୟାନୁପ୍ରାସ କିମ୍ବା ନିରଂଗ ରୂପକ କଣ ବୁଝାଅ । 3

**12.** ଅନୁଚ୍ଛେଦଟି ପଢ଼ି ଶେଷୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ : 2×5=10

କେତେକ କହିପାରନ୍ତି, ଆଧୁନିକ ହେବୁ, ଅଥଚ ଏଇଟା ଶ୍ଳୀଳ, ଏଇଟା ଅଶ୍ଳୀଳ ବୋଲି କଥାକଥାକେ ବିଗ୍ରର କରୁଥିବୁ, ଏହା ସଂଭବ ନୁହେ । ଏହା କିଂତୁ ସଂପର୍କ ସଂଭବ । ଭାରତର ଅଦୁରରେ ଅବସ୍ଥିତ ଏକ ଛୋଟ ଦ୍ୱୀପ ରାଜ୍ୟ ସିଙ୍ଗାପୁର । ଭାରତଠୁ ଶିଳପ, ଶିକ୍ଷା, ବିଜ୍ଞାନ, ବାଣିଜ୍ୟ, ସବୁଥିରେ ଦେଶଟି ବହୁତ ଅଧିକ ଆଧୁନିକ । ତାହା ପୁଣି ସବୁଠୁ ବିଭବଶାଳୀ ଦେଶମାନଂକ ଭିତରେ ଅନ୍ୟତମ୍ । ଦେଶଟି ଦୁର୍ନୀତିମୁକ୍ତ ବୋଲି ଗୋଟିଏ ଆନ୍ତର୍ଜାତିକ ନିର୍ଭିରଯୋଗ୍ୟ ସମୀକ୍ଷା ପ୍ରକାଶ କରିଚ୍ଛି । ଗୋଟିଏ ପୁରୁଷର ଲୋକେ ଦୁର୍ନୀତିମୁକ୍ତ ରହିବାରୁ ଦେଶ ସମୃଦ୍ଧ ହେଲା ଏବଂ ପରବର୍ତ୍ତୀ ପୁରୁଷର ଲୋକେ ଦୁର୍ନୀତିକୁ ଖାଲି ଅନାବଶ୍ୟକ ନୁହେଁ, ଘୃଣ୍ୟ ଜ୍ଞାନ କରନ୍ତି । ଏହା ଖାଲି ପୃଥିବୀର ସବୁଠୁ ପରିଷ୍କାର ଦେଖ ନୁହେଁ, ରାସ୍ତାଘାଟରେ ଖଣ୍ଡିତ ଅଶ୍ଳୀଳ ପୋଷ୍ଟର ମଧ୍ୟ ଦେଖାଯାଏ ନାହିଁ । ଅବଶ୍ୟ ସିଙ୍ଗାପୁରର ଶାସନ ପଦ୍ଧତି ବଡ଼ କଡ଼ା । କିନ୍ତୁ ଭାରତବର୍ଷ ଭଳି ଜ୍ଞାନସବୃଦ୍ଧି ଦେଶରେ ସେହି କଡ଼ାତ୍ୱର ବିକଳପ ସ୍ୱତଃସ୍ଫୂର୍ତ୍ତ ଭାବେ ନୀତିଜ୍ଞାନ ଓ ରୁଚିଜ୍ଞାନ ହେବ ବୋଲି ପୃଥିବୀ ଆଶା କରେ ।

for more materials visit www.educationobserver.com/forum

ପ୍ରଶ୍ନାବଳି :

(କ) କଣ ସଂପୂର୍ଣ୍ଣ ସଂଭବ ?

(ଖ) କେଉଁଦେଶ ଭାରତଠାରୁ କେଉଁ ଦିଗରେ ଅଧିକ ଉନ୍ନତ ?

(ଗ) ସିଙ୍ଗାପୁର କେଉଁ ଦୃଷ୍ଟିରୁ ପୃଥିବୀର ବହୁ ଦେଶଠାରୁ ସ୍ୱତନ୍ତ୍ର ?

(ଘ) ସିଙ୍ଗାପୁର କିପରି ବି ଊଖାଳୀ ହେଲା ?

(ଙ) ଭାରତରେ କଠୋରତାର ବିକଳ୍ପ କଣ ହେବା ଉଚିତ ବୋଲି ଆଶା କରାଯାଏ ?